# ଏସ୍ ଟେଲ୍ ପକ୍ଷରୁ ଏସ୍ ଟେଲ୍ ଆଡ୍ଡା ଏବଂ ଇ ଲାଇଫ୍ ଡାଟା ସର୍ଭିସ୍ ର ଶୁଭାରମ୍ଭ

ଭୁବନେଶ୍ୱର, ନଭେମ୍ବର ୨,ଏସ୍‌ଟେଲ୍ ପକ୍ଷରୁ ଓଡ଼ିଶାର ଉପଭୋକ୍ତା ମାନଙ୍କ ନିମନ୍ତେ ୨ ଟି ଡାଟା ସର୍ଭିସ୍ ର ଶୁଭାରମ୍ଭ କରାଯାଇଛି । ଏହି ୨ଟି ନୂତନ ଡାଟା ସର୍ଭିସ୍ "ଏସ୍ ଟେଲ୍ ଇ ଲାଇଫ୍" ଓ "ଏସ୍ ଟେଲ୍ ଆଡ୍ଡା" ମାଧମରେ ଉପଭୋକ୍ତାମାନେ ମନୋରଞ୍ଜନର ଦୁନିଆରେ ପ୍ରବେଶ କରିପାରିବେ ।

ଏସ୍ ଟେଲ୍ ଆଡ୍ଡାର ବ୍ୟବହାର ଦ୍ୱାରା ଗ୍ରାହକମାନେ ମାଗଣା ଇଣ୍ଟରନେଟ୍ ବ୍ରାଉଜିଙ୍ଗ୍ କରିପାରିବେ । ଏହି ସର୍ଭିସ୍ ରେ ବିଭିନ୍ନ ଶ୍ରେଣୀର ରିଙ୍ଗଟୋନ୍, ୱାଲ୍‌ପେପର୍, ଥିମ୍, ଭିଡିଓ, ଆନିମେସନ୍, ଗେମ୍ ପାଇପାରିବେ । ଏହା ବ୍ୟତୀତ ଏଥିମଧ୍ୟରେ ଆହୁରି ଅନେକ ଅଭିନବ ସେବା ମାନ ମଧ ଉପଲବ୍ଧ ହେଉଛି ସେଥିମଧ୍ୟରୁ ୱାଲ୍‌ପେପର୍ ବିଭାଗରେ କାର୍‌ସ୍ ,ମୁଭିଜ୍,ସେଲିବ୍ରେଟିସ୍ ଓ ଜୋକ୍ ଭିଡିଓସ୍ ସେବା ଅନ୍ୟତମ । ଭିଜୁଆଲ୍ ଆଇକନ୍ ଓ ନାଭିଗେସନ୍ ବ୍ୟବହାର ଦ୍ୱାରା ଏହି ସେବା ଆହୁରି ସରଳ ଓ ସହଜ ସାଧ ହୋଇପାରିଛି । ଏସ୍ ଟେଲ୍ ଆଡ୍ଡା ର ବିଷୟ ବସ୍ତୁ ଗୁଡ଼ିକ ୩୦୦୦ରୁ ଅଧିକ ଲୋକପ୍ରୀୟ ହ୍ୟାଣ୍ଡସେଟ୍‌ର ଅନୁକୂଳ ଅଟେ ଏବଂ ଏହାର ସେଟିଂ ପଣାଳୀ ମଧ ମାଗଣା ଅଟେ ।

ଏସ୍ ଟେଲ୍ ଲାଇଫ୍ ଡାଟା ସର୍ଭିସ୍ ମାଧମରେ ଉପଭୋକ୍ତା ମାନେ ଯେ କୌଣସି ମୋବାଇଲ୍‌ରେ ହାଇ ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ପ୍ରାପ୍ତ କରିପାରିବେ । ଏହି ସେବା ମାଧମରେ ଉପଭୋକ୍ତା ମାନେ ନିଜ ଫୋନ୍ କୁ ପିସି କିମ୍ବା ଲ୍ୟାପ୍‌ଟପ୍ ସହ ସଂଯୁକ୍ତ କରି ମଧ୍ୟ ଇଣ୍ଟରନେଟ୍ ବ୍ୟବହାର କରିପାରିବେ । ଉକ୍ତ ଏସ୍ ଟେଲ୍ ଇ ଲାଇଫ୍ ଜିପିଆର୍ ଏସ୍ ସେବା ଦ୍ୱାରା ବ୍ୟବହାରକାରୀ ମାନେ ନିଜ ଇଚ୍ଛାନୁସାରେ କୌଣସି ତଥ୍ୟ ଡାଉନ୍‌ଲୋଡ୍ ମଧ କରିପାରିବେ । ଏସ୍ ଟେଲ୍ ଇ ଲାଇଫ୍ ଉପଭୋକ୍ତା ମାନଙ୍କୁ ଇମେଲ୍ ଚେକ୍ , ଅନ୍‌ଲାଇନ ସିନେମା ଦେଖିବା, ସାଙ୍ଗ ସାଥି ମାନଙ୍କ ସହିତ ଚାଟ୍ କରିବା ଓ ଆହୁରି ଅନେକ କିଛି ସୁବିଧା ପ୍ରଦାନ କରୁଅଛି ।

ଏସ୍ ଟେଲ୍ "ଆପଣଙ୍କ ନିଜ ଫୋନ୍" ର ଡାଟା ସର୍ଭିସ୍ ଗୁଡ଼ିକ ଓଡ଼ିଆ ଉପଭୋକ୍ତା ମାନଙ୍କର ବୁଝିବା ପାଇଁ ସହଜ ହେଉଛି ତଥା ସରଳ ବ୍ୟବହାର ଦ୍ୱାରା ସେମାନଙ୍କୁ ବାଧା ବିହୀନ ସଂଯୋଗ ମଧ୍ୟ ପ୍ରଦାନ କରୁଛି ।

ଏସ୍ ଟେଲ୍ ଇ ଲାଇଫ୍ ଜିପିଆର୍‌ଏସ୍ ସେବା ୧ ପଇସା ପ୍ରତି ୨୦ କେବି ଡାଉନ୍‌ଲୋଡ୍ ଯୋଜନାରେ ଉପଲବ୍ଧ ହେଉଛି । ଏକ ବିସ୍ତୃତ ଶ୍ରେଣୀର ଅସିମୀତ ଡାଉନ୍‌ଲୋଡ୍ ଯୋଜନା ମଧ୍ୟରୁ ନିଜ ଇଚ୍ଛାନୁସାରେ ଗ୍ରାହକମାନେ ଯେକୌଣସି ଯୋଜନା ବାଛିପାରିବେ ।

ଏହି ସମାରୋହରେ ଏସ୍ ଟେଲ୍ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଶମିକ୍ ଦାଶ କୁହନ୍ତି ଯେ ଓଡ଼ିଶାର ଡିଜିଟାଲ୍ ଡିଭାଇଡ୍ କୁ ସଂଯୋଗ କରିବା ପାଇଁ ଏହି ଡାଟା ସେବା ଗୁଡ଼ିକ ଏକ ମହତ୍ତ୍ୱ ପୁର୍ଣ୍ଣ ଉପକରଣ ଅଟେ । ଏସ୍ ଟେଲ୍ ର ଉପଭୋକ୍ତା ମାନେ ଯେ କୌଣସି ସ୍ଥାନରେ ମଧ ଏହି ଡାଟା ସେବାର ବ୍ୟବହାର କରିପାରିବେ ୬୮ ପ୍ରତିଶତ CAGRର ଲଗାତାର ବୃଦ୍ଧିରୁ ଏହା ଡାଟାସେବା ମାନଙ୍କର ଚାହିଦା ପରିଲକ୍ଷିତ ହୋଇଥାଏ । ଏସ୍‌ଟେଲ୍ ଇ ଲାଇଫ୍ ବର୍ତ୍ତମାନ ତୃତୀୟ ପିଢୀର ସଞ୍ଚାର ବିକାଶ ପାଇଁ ମାର୍ଗ ପ୍ରଶସ୍ତ କରୁଛି ।

ଏସ୍‌ଟେଲ୍ ଆତ୍ମା ସେବାକୁ ଉପଭୋଗ କରୁଥିବା ସଦସ୍ୟ ମାନେ ବର୍ତ୍ତମାନ ପ୍ରତିଦିନ ସହଜରେ ନିଜର ମନୋରଞ୍ଜନ କରିପାରିବେ । ଏହା ମାଧମରେ "ବିଗ୍ ବସ୍"ର ଘର ମଧରେ ହେଉଥିବା କାର୍ଯ୍ୟକଳାପ କିମ୍ବା "ଖତ୍‌ରୋ କେ ଖିଲାଡି" ର ସମସ୍ତ ଆଶ୍ଚର୍ଯ୍ୟଜନକ ଷ୍ଟଣ୍ଟ୍ ଗୁଡ଼ିକ ଉପଭୋକ୍ତାମାନେ ଉପଭୋଗ କରିପାରିବେ ।

ଏସ୍ ଟେଲ୍ ର ଏହି ନୂତନ ଶୁଭାରମ୍ଭ ସମୟରେ ଏସ୍‌ଟେଲ୍ ର ମୁଖ୍ୟ ସେଲ୍ ଓ ମାର୍କେଟିଂ ଅଧିକାରୀ ଶ୍ରୀ ରାଜକୁମାର କହିଛନ୍ତି ଯେ ଏସ୍‌ଟେଲ୍ ଲଗାତାର ଭାବେ ଏପରି ଅଭିନବ ଉତ୍ପାଦ ଓ ସେବା ମାନଙ୍କୁ ପସ୍ତୁତ କରିଆସୁଛି ଯାହା ଗ୍ରାହକ ମାନଙ୍କର ଆଶାରୁ ଆହୁରି ଉନ୍ନତତର ହୋଇଥାଏ । ସେ ଆହୁରି ମଧ କହିଛନ୍ତି ଯେ ଏସ୍‌ଟେଲ୍ ଦ୍ୱାରା ପ୍ରଚଳିତ ନିଜର ନୂତନ GPRS ସର୍ଭିସ୍ ଏସ୍‌ଟେଲ୍ ଇ ଲାଇଫ୍ ଓ ଏସ୍‌ଟେଲ୍ ଆତ୍ମା ମାଧମରେ ଉପଭୋକ୍ତା ମାନେ ସହଜରେ ଇଣ୍ଟରନେଟ୍ ବ୍ୟବହାର କରିପାରିବେ । ମାତ୍ର ଏକ ବଟନ୍ କୁ ବ୍ୟବହାର କରି ହାଇ ସ୍ପୀଡ୍ ଯୁକ୍ତ ସଂଯୋଗ ଦ୍ୱାରା ଉପଭୋକ୍ତା ମାନେ ଅତି କମ୍ ମୂଲ୍ୟ ବିନିମୟରେ ଭିଡିଓ ଦେଖିପାରିବେ,ବିଭିନ୍ନ ତଥ୍ୟ ଅନ୍ୱେଷଣ କରିପାରିବେ,ଗୀତ ଶୁଣିପାରିବେ ଆହୁରି ଅନେକ କିଛି କରିପାରିବେ । ଏସ୍‌ଟେଲ୍ ଆତ୍ମାକୁ ଏପରି ଏକ ବନ୍ଦ ମନୋରଞ୍ଜନ ପୋର୍ଟାଲ୍ ରୂପେ ଡିଜାଇନ୍ କରାଯାଇଛି ଯାହା ଦ୍ୱାରା ଯେ କୌଣସି କ୍ଷେତ୍ରର ସ୍ଥାନୀୟ ୱାଲ୍‌ପେପର, ଭିଡିଓ ଓ ସମ୍ପୂର୍ଣ୍ଣ ଗୀତ ଡାଉନ୍‌ଲୋଡ୍ କରିବାର ସୁବିଧା ରହିଥାଏ ।

ଏହି ଏସ୍‌ଟେଲ୍ ଆତ୍ମା ପୋର୍ଟାଲ୍ ଆଞ୍ଚଳିକ ତଥ୍ୟ ଗୁଡ଼ିକୁ ଧାରଣ କରିଥାଏ ଯାହାକୁ ପ୍ରତ୍ୟେକ ଦିନ ପରିବର୍ତ୍ତନ କରାଯାଇପାରିବ । ବିଶେଷ ଓଡ଼ିଆ ଜୋନ୍, ସ୍ୱତନ୍ତ୍ର ଆଞ୍ଚଳିକ ବିଭାଗ ଯଥା ଓଡ଼ିଆ ଗ୍ରାହକଙ୍କ ପାଇଁ ରିଙ୍ଗଟୋନ୍ ,ଗୀତ ଓ ଲୋକପ୍ରୀୟ କଳାକାର ମାନଙ୍କର ଫୁଲ୍‌ଟ୍ରାକ୍ ଭିଡିଓ ମାନଙ୍କୁ ଅନ୍ତର୍ଭୁକ୍ତ କରିଥାଏ । ଏସ୍‌ଟେଲ୍ ଆତ୍ମା ଉପଭୋକ୍ତା ମାନଙ୍କ ସୁବିଧାପାଇଁ ଶ୍ରେଷ୍ଟ ୧୦ଟି ସଂଗୀତ ଓ ମାଇକ୍ରୋ ପୋର୍ଟାଲ୍ ସୁବିଧା ଧାରଣ କରିଥାଏ ଯାହା ଗ୍ରାହକ ମାନଙ୍କୁ ଚଳିତ ପର୍ବପର୍ବାଣୀ ମାନଙ୍କ ସମ୍ବନ୍ଧରେ ସିଧା ସଳଖ ଭାବେ ଅବଗତ କରାଇଥାଏ । ଏଥିରେ ଖୁବ୍ ଆକର୍ଷଣୀୟ ଡାଉନ୍‌ଲୋଡ୍ ଅଫର୍ ମାନ ଉପଲବ୍ଧ କରାଯାଇଛି ଯଥା ,ଗୋଟିଏ କିଣିଲେ ଅନ୍ୟଟି ମାଗଣା ଓ ଆଜି ମୂଲ୍ୟ ଦେଲେ କାଲିକୁ ମାଗଣା ଇତ୍ୟାଦି ।

ଏସ୍‌ଟେଲ୍ ଇ ଲାଇଫ୍ ଦୈନିକ ମାସିକ ଓ ବାର୍ଷିକ ଯୋଜନା ମାନ ପ୍ରଦାନ କରୁଛି ।

| **ଇ-ଲାଇଫ୍ ପ୍ଲାନ୍** | **ମୂଲ୍ୟ** | **ବ୍ୟବହାର** | **ବୈଧତା** |
|---|---|---|---|
| ଏ-ଲା-କାର୍ଟ ଆକ୍ସେସ୍(ବ୍ୟବହାର ଅନୁଯାୟୀ ଦର) | ୧ପ/୨୦କେ.ବି | ଏ-ଲା-କାର୍ଟ | କୌଣସି ବୈଧତା ନାହିଁ |
| ୧ ଦିନ ଜିପିଆର୍‌ଏସ୍ ଯୋଜନା | ୪ ଟଙ୍କା | ଅସିମୀତ | ୨୪ ଘଣ୍ଟା |
| ୩୦ ଦିନ ଜିପିଆର୍‌ଏସ୍ ଯୋଜନା | ୯୧ ଟଙ୍କା | ଅସିମୀତ | ୩୦ ଦିନ |
| ୩୬୫ ଦିନ ଜିପିଅର୍ ଏସ୍ ଯୋଜନା | ୮୯୯ ଟଙ୍କା | ଅସିମୀତ | ୩୬୫ ଦିନ |

ଏସ୍ ଟେଲ୍ ପ୍ରତିଦ୍ୱନ୍ଦୀ ମୂଳକ ମୂଲ୍ୟରେ ବିଭିନ୍ନ ପ୍ରକାରର ଭି ଏ ଏସ୍ ସେବା (VAS) , ଏସ୍ ଏମ୍ ଏସ୍, , ଭଏସ୍ ଏବଂ ଡାଟା ପ୍ଲାଟ୍‌ଫର୍ମ ପ୍ରଦାନ କରୁଛି । ଏହି ସେବାରେ ଲାଇଭ୍ ପଣ୍ଡିଙ୍କ ଦ୍ୱାରା ଜ୍ୟୋତିଷ ସେବା ମଧ୍ୟ ପ୍ରଦାନ କରାଯାଉଛି ଓ ବିଖ୍ୟାତ ସଙ୍ଗୀତଜ୍ଞ ଙ୍କ କଣ୍ଠରେ ୫୦୦୦ ଗୀତର କଲର୍ ଟ୍ୟୁନ୍ ର ବ୍ୟବସ୍ଥା ମଧ୍ୟ ରହିଛି ।ଏହାର ପ୍ରିମିୟମ୍ ଏସ୍ ଏମ୍ ଏସ୍ ଆଲର୍ଟ କେବଳ ୧ଟଙ୍କା ପ୍ରତି ଏସ୍ ଏମ୍ ଏସ୍ ଦରରେ ଉପଲବ୍ଧ ହୋଇପାରୁଛି । ଗ୍ରାହକ ମାନେ ବର୍ତ୍ତମାନ ନିଜ ଇଚ୍ଛାନୁଯାୟୀ ଭିନ୍ନ ଭିନ୍ନ ଏସ୍ ଏମ୍ ଏସ୍ ଆଲର୍ଟ ଯଥା- କ୍ରିକେଟ୍, ଜୋକ୍, ଖେଳ ଆଦି କେବଳ ୧୫ ଟଙ୍କା ପ୍ରତି ମାସ ଦରରେ ପାଇପାରିବେ । ସେହି ସମାନ ମୂଲ୍ୟରେ ଗ୍ରାହକମାନେ ମୋବାଇଲ୍ ଶିକ୍ଷା, ପରୀକ୍ଷା ଫଳାଫଳ, ସରକାରୀ ଚାକିରୀ ଇତ୍ୟାଦି ସମ୍ବନ୍ଧୀୟ ଭଏସ୍ ପୋର୍ଟାଲ୍ ସେବା ମଧ୍ୟ ପାଇପାରିବେ । ବର୍ତ୍ତମାନ ଓଡ଼ିଶା ର ଏସ୍ ଟେଲ୍ ଗ୍ରାହକମାନେ ମୋବାଇଲ୍ ରେଡ଼ିଓ ସେବା "ଏସ୍ ଟେଲ୍ ଆପ୍‌ନି ଧୂନ୍" ମାଧ୍ୟମରେ ନନ୍ ଷ୍ଟପ୍ ମ୍ୟୁଜିକ୍ ଶୁଣିବା ସହ ସଙ୍ଗୀତ ଡେଡିକେସନ୍, ରିଙ୍ଗଟୋନ୍ ଡାଉନ୍‌ଲୋଡ୍ ମଧ୍ୟ କରିପାରିବେ । ଖୁବ୍ କମ୍ ଦିନ ମଧ୍ୟରେ ଏସ୍ ଟେଲ୍ IVR ସବ୍‌କ୍ରିପ୍ସନ୍ ପର୍ଯ୍ୟବେଷ୍ଟିତ ସେବା ମଧ୍ୟ ପ୍ରାରମ୍ଭ କରିବାକୁ ଯାଉଛି ଯାହାଦ୍ୱାରା ଗ୍ରାହକ ମାନେ ମୋବାଇଲ୍ ରେଡ଼ିଓକୁ ଅସୀମିତ ଭାବେ ବ୍ୟବହାର କରିପାରିବେ ।

ଓଡ଼ିଶାର ଏସ୍ ଟେଲ୍ ଗ୍ରାହକ ମାନେ ୯୧୩୨୦୧୨୩୪୫ ଏବଂ ଟୋଲ୍ ଫ୍ରି ନମ୍ବର ୧୨୧୨ ମାଧମରେ ସାଧାରଣ ସେବା କେନ୍ଦ୍ର ସହ ଯୋଗାଯୋଗ ସ୍ଥାପନ କରିପାରିବେ ।

**ଏସ୍ ଟେଲ୍ ସମ୍ବନ୍ଧରେ-**

ଶିବାଗ୍ରୁପ୍ ଏବଂ ବାହାରିନ୍ ଟେଲିକମ୍ୟୁନିକେସନ୍ (Batelco) ର ମିଳିତ ଉଦ୍ୟମରେ ପ୍ରସ୍ତୁତ ହୋଇଥିବା ମୋବାଇଲ୍ ସେବା ପ୍ରଦାନକାରୀ କମ୍ପାନୀ ଏସ୍ ଟେଲ୍ ପ୍ରାଇଭେଟ ଲିମିଟେଡ୍ ୨୦୦୯ ରେ ହିମାଚଳ ପ୍ରଦେଶ,ବିହାର,ଝାଡ଼ଖଣ୍ଡ ଓ ଓଡ଼ିଶା ଆଦି ସ୍ଥାନ ମାନଙ୍କରେ ନିଜର ମୋବାଇଲ୍ ସେବାର ଶୁଭାରମ୍ଭ କରିଥିଲା ।

ଏସ୍ ଟେଲ୍ ର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ ଓ ଏହା ୟୁନିଫାଏଡ୍ ଆକ୍ସେସ୍ ସର୍ଭିସେସ୍ ଲାଇସେନ୍ସ ପ୍ରାପ୍ତ କମ୍ପାନୀ ଅଟେ । ଏହାଦ୍ୱାରା କମ୍ପାନୀ ଉପରୋକ୍ତ ରାଜ୍ୟ ମାନଙ୍କର ୨୨୬ ନିୟୁତ ଲୋକମାନଙ୍କୁ ୟୁନିଫାଏଡ୍ ମୋବାଇଲ୍ ସର୍ଭୀସ୍,ୱାୟର୍ ଲେସ୍ ବ୍ରଡ୍ ବ୍ୟାଣ୍ଡ ଓ ଇନୋଭେଟିଭ୍ VAS ସର୍ଭିସ୍ ଯୋଗାଇପାରିବ । ଏହା ୩ ବିଲିୟନ୍ ଡଲାର୍ ବିଶିଷ୍ଟ କମ୍ପାନୀ ଅଟେ ଯାହା ବିଭିନ୍ନ ପ୍ରକାରର ବ୍ୟବସାୟ ଯଥା-ଏନର୍ଜି,ସିପିଙ୍ଗ ଓ ଲଜିଷ୍ଟିକ୍ସ,ହସ୍ପିଟାଲିଟି ଓ ରିଆଲିଟି,ମିଡିଆ,ଇପିସି,ଏଜୁକେସନ୍ ଓ ଏଗ୍ରୋ ବିଜନେସ୍ କ୍ଷେତ୍ରରେ ମଧ୍ୟ ବ୍ୟବସାୟ ଚଳାଇଛି ।

ଅଧିକ ବିବରଣୀ ପାଇଁ ଯୋଗାଯୋଗ-

Banita Pradhan-9776354850

**S Tel Pvt Ltd**

Manisha Gakhar +919650590812 manisha.gakhar@stel.in

**Corporate Voice Weber Shandwick**

Nitin Yadav +91 9811278920 nitin@corvoshandwick.co.in